To ensure your copy call 9861954260
www.thesakala.com
twitter.com/thesakala
facebook.com/sakala
thesakal0@gmail.com,thesakala@hotmail.com

ସକାଳ
S A K A L A

ପ୍ରତିଷ୍ଠାତା: ହୃଦାନନ୍ଦ ମଲ୍ଲିକ

ଭୋପାଳ ଗଣ ବଳାତ୍କାର: ସମସ୍ତ ଅଭିଯୁକ୍ତ ଆଜୀବନ କାରାଦଣ୍ଡରେ ଦଣ୍ଡିତ ।

R.N.I. No.-42041/83 Vol-15, Issue No.174, ଭଦ୍ରକ, ରବିବାର, ୨୪, ଡିସେମ୍ବର ୨୦୧୭ ■ Bhadrak, Sunday, 24 December 2017 Rs. 2.00 Pages-8

ଲାଲୁ ଦୋଷୀ ସାବ୍ୟସ୍ତ

- ଜାନୁଆରୀ ୩ରେ ଦଣ୍ଡ
- ୨୦ ବର୍ଷ ଧରି ଚାଲିଥିଲା ମାମଲା
- ସର୍ବାଧିକ ୭ ବର୍ଷ କିମ୍ବା ସର୍ବନିମ୍ନ ୧ ବର୍ଷ ଜେଲ୍‌ଦଣ୍ଡ ହୋଇପାରେ

ଗୋଖାଦ୍ୟ ଦୁର୍ନୀତି ମାମଲା

ନୂଆଦିଲ୍ଲୀ, ୨୩।୧୨ : ଗୋଖାଦ୍ୟ ଦୁର୍ନୀତି ମାମଲାରେ ଆରଜେଡି ସୁପ୍ରିମ ଲାଲୁ ପ୍ରସାଦ ଯାଦବ ଦୋଷୀ ସାବ୍ୟସ୍ତ ହୋଇଛନ୍ତି । ଗୋଖାଦ୍ୟ ଦୁର୍ନୀତିର ଦେବଘର କୋଷାଗାର ମାମଲାରେ ଲାଲୁଙ୍କୁ ରାଞ୍ଚିର ସିବିଆଇ କୋର୍ଟ ଦୋଷୀ ସାବ୍ୟସ୍ତ କରିଛନ୍ତି । ଜାନୁଆରୀ ୩ରେ ଲାଲୁଙ୍କ ବିରୋଧରେ ଦଣ୍ଡାଦେଶର ଶୁଣାଣି ହେବ ।ଆଜି ସିବିଆଇ କୋର୍ଟରେ ଶୁଣାଣି ଶେଷ ହେବା ପରେ କୋର୍ଟରୁ ସିଧା ଜେଲ ଯିବେ ବିହାରର ପୂର୍ବତନ ମୁଖ୍ୟମନ୍ତ୍ରୀ ଲାଲୁ ପ୍ରସାଦ ଯାଦବ । ଅନ୍ୟ ପଟେ ବିହାରର ପୂର୍ବତନ ମୁଖ୍ୟମନ୍ତ୍ରୀ ଜଗନ୍ନାଥ ଓ ଧ୍ରୁବ ଭଗତଙ୍କ ସମେତ ୬ ଜଣଙ୍କୁ ନିର୍ଦ୍ଦୋଷର ସହ ଖଲାସ କରାଯାଇଛି । ଉଲ୍ଲେଖଯୋଗ୍ୟ ୧୯୯୬ରେ ହୋଇଥିବା ଏହି ଦୁର୍ନୀତିରେ ନିମ୍ନ ଅଦାଲତ ୨୦୧୩ରେ ଲାଲୁଙ୍କୁ ଦୋଷୀ ସାବ୍ୟସ୍ତ କରିଥିଲେ । ଏହି ଦୁର୍ନୀତିରେ ଲାଲୁଙ୍କ ବିରୋଧରେ ଭିନ୍ନ ଭିନ୍ନ ୬ଟି ମାମଲା ଜାରି ରହିଛି । ଲାଲୁଙ୍କ ବ୍ୟତୀତ ଅଭିଯୁକ୍ତ ମଧ୍ୟରେ ପୂର୍ବତନ ମୁଖ୍ୟମନ୍ତ୍ରୀ ଜଗନ୍ନାଥ ମିଶ୍ର ସହିତ ବିଦ୍ୟାସାଗର ନିସାଦ, ଆରକେ ରାଣା, ଧ୍ରୁବ ଭଗତ, ଆଇଏଏ ଅଫିସର ମହେଶ ପ୍ରସାଦ ଏବଂ ବେକ ଜୁଲିୟସ ସମେତ ୨୨ ଜଣଙ୍କ ବିରୋଧରେ ମାମଲା ଚାଲିଛିଛ କୋର୍ଟରେ ଶୁଣାଣି ସମୟରେ ଲାଲୁଙ୍କ ସହିତ ତାଙ୍କ ପୁତ୍ର ତେଜସ୍ୱୀ ଯାଦବ ମଧ୍ୟ ଉପସ୍ଥିତ ଥିଲେ । ଏଠାରେ ସୂଚନାଯୋଗ୍ୟ ଯେ ୧୯୯୦ ରୁ ୧୯୯୪ ମଧ୍ୟରେ ଦେବଘର କୋଷାଗାରରୁ ଗୋ ଖାଦ୍ୟ ନାମରେ ଅବୈଧ ଭାବେ ୮୯ ଲକ୍ଷ ୨୭ ହଜାର ଟଙ୍କା କାଢିବା ଅଭିଯୋଗରେ ଲାଲୁ ଆଜି ଦୋଷୀ ସାବ୍ୟସ୍ତ ହୋଇଛନ୍ତି । ସେହି ସମୟରେ ଲାଲୁ ବିହାରର ମୁଖ୍ୟମନ୍ତ୍ରୀ ଥିଲେ । କିନ୍ତୁ ଏହି ଗୋ ଖାଦ୍ୟ ଦୁର୍ନୀତିମୋଟ୍ ୯୫୦ କୋଟି ଟଙ୍କାର । ଏଥିରେ ଗୋଟିଏ ଦେବଘର କୋଷାଗାର ମାମଲା ଜଡିତ ରହିଛି । ଏହି ମାମଲାରେ ମୋଟ୍ ୩୮ ଲୋକ ଅଭିଯୁକ୍ତ ଥିଲେ । ଏମାନଙ୍କ ବିରୋଧରେ ସିବିଆଇ ୧୯୯୭ ଅକ୍ଟୋବର ୨୭ରେ ମୋକଦ୍ଦମା ଦାୟର କରିଥିଲେ । ଆଜି ପ୍ରାୟ ୨୦ ବର୍ଷ ପରେ ଏହି ମାମଲାରେ ଲାଲୁ **(ପୃଷ୍ଠା-୭)**

ବସ୍ ଦୁର୍ଘଟଣା, ୩୩ ମୃତ

ଜୟପୁର, ୨୩।୧୨ : ସବାୟୀ ମାଧୋପୁର ନିକଟରେ ଶନିବାର ସକାଳୁ ଏକ ଘରୋଇ ବସ୍ ପୋଲ ଉପରେ ଧକ୍କା ଖାଇ ନଦୀରେ ଖସିପିବା ଘଟଣାରେ ମୃତ୍ୟୁସଂଖ୍ୟା ୩୨କୁ ବୃଦ୍ଧି ପାଇଛି । ୮ଜଣ ଗୁରୁତର ଆହତ ଅବସ୍ଥାରେ ଚିକିତ୍ସିତ ହେଉଛନ୍ତି । ମୃତକଙ୍କ ମଧ୍ୟରେ ଅଛନ୍ତି ମହିଳା ଓ ଶିଶୁ । ଆହତଙ୍କ ମଧ୍ୟରୁ କେତେକଙ୍କ ସ୍ୱାସ୍ଥ୍ୟ ଗୁରୁତର ରହିଥିବାରୁ ମୃତ୍ୟୁସଂଖ୍ୟା ବଢିବା ଆଶଙ୍କା କରାଯାଉଛି । ଦୁର୍ଘଟଣା ସକାଳ ୬.୧୫ ମିନିଟ୍ ସମୟରେ ହୋଇଥିଲା । ବସ୍‌ଟି

- ■ ୮ ଗୁରୁତର
- ■ ମୃତ୍ୟୁସଂଖ୍ୟା ବଢ଼ିବା ଆଶଙ୍କା
- ■ ପ୍ରଧାନମନ୍ତ୍ରୀଙ୍କ ଗଭୀର ଶୋକବ୍ୟକ୍ତ

ସେତେବେଳକୁ ସବାୟୀ ମାଧୋପୁର ଠାରୁ ୨୦ କିଲୋମିଟର ଦୂରରେ ଥିଲା । ପ୍ରତ୍ୟକ୍ଷଦର୍ଶୀଙ୍କ ସୂଚନାନୁସାରେ ୧୬ବର୍ଷ ବୟସର କଣ୍ଡକ୍ଟରଙ୍କୁ ଡ୍ରାଇଭର ଗାଡ଼ି ଚଲାଇବାକୁ ଦେଇଥିଲା । ପୋଲ ଉପରେ ଗାଡ଼ିଟି ଆଗରେ ଥିବା ଏକ ଗାଡ଼ିକୁ ଅତିକ୍ରମ କରିବାକୁ **(ପୃଷ୍ଠା-୭)**

ମନ୍ତ୍ରିମଣ୍ଡଳରେ ଅଦଳବଦଳ ହେବନାହିଁ : ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୨୩।୧୨ (ସକାଳ ଖବର): ମନ୍ତ୍ରିମଣ୍ଡଳରେ ଅଦଳବଦଳ ହେବ ନାହିଁ। ବର୍ତ୍ତମାନ ସୁଦ୍ଧା ଏପରି କୌଣସି ଯୋଜନା ନାହିଁ ବୋଲି ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକ କହିଛନ୍ତି । ଗତକାଲି ମନ୍ତ୍ରିମଣ୍ଡଳରୁ ଡାକ୍ତର ଦାମୋଦର ରାଉତ ବହିଷ୍କାର ହେବା ପରେ ମନ୍ତ୍ରିମଣ୍ଡଳ ଅଦଳବଦଳ **(ପୃଷ୍ଠା-୭)**

ଇଶାନ୍ ପାତ୍ର ରେଭେନ୍ସା କୂଳପତି ନିଯୁକ୍ତ

ଭୁବନେଶ୍ୱର, ୨୩।୧୨ (ସକାଳ ଖବର): ମଧ୍ୟପ୍ରଦେଶର ଗ୍ୱାଲିୟର ଜିଓ୍ୱାଜି ବିଶ୍ୱବିଦ୍ୟାଳୟର ଜିଓଲୋଜି ବିଭାଗ ମୁଖ୍ୟ ପ୍ରଫେସର ଇଶାନ୍ ପାତ୍ରଙ୍କୁ ରେଭେନ୍ସା ବିଶ୍ୱ ବିଦ୍ୟାଳୟର କୂଳପତି ଭାବେ ନିଯୁକ୍ତି ଦିଆଯାଇଛି। ରାଜ୍ୟପାଳ ଡ. ଏସ ସି ଜମୀର ଶ୍ରୀ ପାତ୍ରଙ୍କୁ ଏହି ନିଯୁକ୍ତି ଦେଇଛନ୍ତି । ଏସମ୍ପର୍କରେ ରାଜଭବନ ପକ୍ଷରୁ ପ୍ରକାଶ କରାଯାଇଥିବା ବିଜ୍ଞପ୍ତିରୁ **(ପୃଷ୍ଠା-୭)**

ପୁଣି ଝଟ୍‌କା

ହାତରୁ ଗଲା ଉପସଭାପତି ଓ ପର୍ଯ୍ୟବେକ୍ଷକ ପଦ

ଭୁବନେଶ୍ୱର, ୨୩।୧୨ (ସକାଳ ଖବର): ପୂର୍ବତନ ମନ୍ତ୍ରୀ ଡା. ଦାମୋଦର ରାଉତଙ୍କୁ ପୁଣି ଝଟକା ଲାଗିଛି। ଗତକାଲି ତାଙ୍କୁ ମନ୍ତ୍ରିମଣ୍ଡଳରୁ ବହିଷ୍କାର କରାଯାଇଥିବା ବେଳେ ଶନିବାର ବିଜୁ ଜନତା ଦଳର ଉପସଭାପତି ପଦବୀ ଏବଂ ଢେଙ୍କାନାଳ ଜିଲ୍ଲା ପର୍ଯ୍ୟବେକ୍ଷକ ଦାୟିତ୍ୱରୁ ମଧ୍ୟ ତାଙ୍କୁ ଅବ୍ୟାହତି ଦିଆଯାଇଛି । ଦଳର ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶ୍ରୀ ରାଉତଙ୍କୁ ଉଭୟ ପଦବୀରୁ ଅବ୍ୟାହତି ଦେଇଥିବା ଦଳର ଉପସଭାନେତ୍ରୀ ଶ୍ରୀମତୀ ଉଷା ଦେବୀ ଏକ ପ୍ରେସ୍ ବିଜ୍ଞପ୍ତି ମାଧ୍ୟମରେ ସୂଚନା ଦେଇଛନ୍ତି ।

ବିଭିନ୍ନ ସମୟରେ ଅରୁଚିକର ମନ୍ତବ୍ୟ ଦେଇ ଡା. ରାଉତ ବିବାଦରେ ରହି ଆସୁଥିଲେ । ତେବେ ନିକଟରେ ବ୍ରାହ୍ମଣ ମାନଙ୍କ ପ୍ରତି ଅପମାନଜନକ ମନ୍ତବ୍ୟ ପାଇଁ **(ପୃଷ୍ଠା-୭)**

ଠିକା ନର୍ସଙ୍କୁ ଶାଳିନୀ ପଣ୍ଡିତଙ୍କ ନିର୍ଦ୍ଦେଶ

୨୪ ଘଣ୍ଟାରେ କାର୍ଯ୍ୟରେ ଯୋଗ ଦିଅ

ଭୁବନେଶ୍ୱର, ୨୩।୧୨ (ସକାଳ ଖବର): ଏନଏଚ୍ଏମ୍ ଅଧୀନରେ କାର୍ଯ୍ୟରତ ଥିବା ଆନ୍ଦୋଳନକାରୀ ଠିକା ନର୍ସଙ୍କୁ ଆନ୍ଦୋଳନ ଛାଡି କାର୍ଯ୍ୟରେ ଯୋଗ ଦେବାକୁ ସରକାର ନିର୍ଦ୍ଦେଶ ଦେଇଛନ୍ତି । ୨୪ ଘଂଟା ଭିତରେ କାର୍ଯ୍ୟରେ ଯୋଗ ନ ଦେଲେ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହେବ ବୋଲି ଜାତୀୟ ସ୍ୱାସ୍ଥ୍ୟ ମିଶନ ପରିଚାଳନା ନିର୍ଦ୍ଦେଶିକା ଶାଳିନୀ ପଣ୍ଡିତ କହିଛନ୍ତି।

ସେ କହିଛନ୍ତି ଯେ ୨୪ ଘଂଟା ଭିତରେ ନିଜ ନିଜ କର୍ମସ୍ଥଳୀରେ ଆନ୍ଦୋଳନରତ ନର୍ସମାନେ ଯୋଗ ନ ଦେଲେ କଂଟ୍ରାକ୍ଟୁଆଲ ଚୁକ୍ତି ଅନୁସାରେ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ। ଠିକା ନର୍ସଙ୍କ ଆନ୍ଦୋଳନ ଯୋଗୁଁ ରାଜ୍ୟରେ ରୋଗୀସେବା ଗୁରୁତର ପ୍ରଭାବିତ ହୋଇଛି। ସେମାନଙ୍କ ସମସ୍ୟା ନେଇ ମନ୍ତ୍ରୀଙ୍କ ସହ ସଂଘ ଆଲୋଚନା କରି ସାରିଛି। ତଥାପି ଅନେକ ନର୍ସିଂ ଷ୍ଟାଫ୍ ଆନ୍ଦୋଳନ ଜାରି ରଖିଥିବାରୁ ସରକାର କାର୍ଯ୍ୟାନୁଷ୍ଠାନ ନେବାକୁ ବାଧ୍ୟ ହେବେ ବୋଲି ସେ କହିଛନ୍ତି ।

ସୂଚନାଯୋଗ୍ୟ ଯେ ଗତ ୧୮ ତାରିଖ ଠାରୁ ଚାକିରୀର ନିୟମିତତା, ଆରଏସ୍‌ପି ଲାଗୁ, ପ୍ରମୋଶନ ଲାଗୁ କରିବା, ଦରମା ଅସଂଗତି ଦୂର କରିବା, ମେଡ଼ିକାଲ କ୍ୟାମ୍ପସ ମଧ୍ୟରେ ଭଡ଼ାରେ ଘର ଯୋଗାଇଦେବା, କର୍ମ କ୍ଷେତ୍ରରେ ସୁରକ୍ଷା ଆଦି ଦାବୀ ନେଇ ନର୍ସିଂ ଆସୋସିଏସନ ପକ୍ଷରୁ ବିଧାନ ସଭା ସମ୍ମୁଖରେ ଅହୋରାତ୍ର ଧାରଣା ଦିଆଯାଇଥିଲା। ଗୁରୁବାର ଦିନ ସ୍ୱାସ୍ଥ୍ୟମନ୍ତ୍ରୀ ଶ୍ରୀ ଜେନା ଆସୋସିଏସନର ଏକ ପ୍ରତିନିଧି ଦଳ ସହ ଆଲୋଚନା କରିବା ସହ ଦାବୀଗୁଡ଼ିକୁ



ଆସନ୍ତା ୨ ମାସ ମଧ୍ୟରେ ପୂରଣ କରାଯିବ ବୋଲି କହିଥିଲେ। ମନ୍ତ୍ରୀ ଶ୍ରୀ ଜେନାଙ୍କ ପ୍ରତିଶ୍ରୁତି ଉପରେ ଭରସା ରଖି ଆନ୍ଦୋଳନକୁ ୨ମାସ ପର୍ଯ୍ୟନ୍ତ ସ୍ଥଗିତ ରଖାଗଲା ବୋଲି ସମ୍ପାଦିକା ଶ୍ରୀମତୀ ମହାନ୍ତି ଗଣମାଧ୍ୟମକୁ କହିଥିଲେ । ମାତ୍ର ଏହି ନିଷ୍ପତ୍ତିକୁ ଗ୍ରହଣ ନକରି ମନ୍ତ୍ରୀଙ୍କ ଲିଖିତ ପ୍ରତିଶ୍ରୁତି ଦାବିରେ ନର୍ସିଂ କର୍ମଚାରୀ ମାନେ ଆନ୍ଦୋଳନ ଜାରୀ ରଖିଛନ୍ତି ।

ଜେସିବି ପୋଡିଲେ ମାଓବାଦୀ

ରାସ୍ତାକାମକୁ ବିରୋଧ

ମାଲକାନଗିରି, ୨୩।୧୨ (ସକାଳ ଖବର): ଆନ୍ଧ୍ର-ଓଡ଼ିଶା-ଛତିଶଗଡ଼ ରାଜ୍ୟରେ ବିଭିନ୍ନ ମାଓ ପ୍ରବଣ ଅଂଚଳରେ ଥିବା ଗ୍ରାମଗୁଡିକୁ ରାସ୍ତା ନିର୍ମାଣ ହେବା ପରେ ଯବାନମାନେ ସମ୍ପୃକ୍ତ ଅଂଚଳକୁ ସର୍ଚ୍ଚ ଅପରେସନରେ ଯାଇ ଏନକାଉଂଟର କରୁଥିବାରୁ ବହୁ ସଂଖ୍ୟାରେ ମାଓବାଦୀଙ୍କ ମୃତ୍ୟୁ ଘଟୁଛି । ମାଓ ସଂଗଠନ ଏଥିରେ ଭୟଭିତ ହୋଇପଡିଛି । ଫଳରେ ରାସ୍ତା କାମକୁ ବିରୋଧ କରୁଛନ୍ତି ମାଓବାଦୀ । ଗତକାଲି ରାତିରେ ପଡ଼ୋଶୀ ଆନ୍ଧ୍ରପ୍ରଦେଶ ରାଜ୍ୟ ଜିକେବେଦି ମଣ୍ଡଳ କୁକୁମାପୁଡି ଠାରେ ରାସ୍ତା ନିର୍ମାଣ କାର୍ଯ୍ୟରେ ନିୟୋଜିତ ଥିବା ଏକ ଜେସିବି ଗାଡିକୁ ମାଓବାଦୀମାନେ ପୋଡି ଦେଇଛନ୍ତି ।

ପ୍ରକାଶ ଥାଉ କି, ମାଓବାଦୀ ମାନେ ଏଥି ପୂର୍ବରୁ ମାଲକାନଗିରି ଜିଲ୍ଲାର ମୁଦୁଲିପଡା ଠାରେ ୮ଟି ଓ ପିପଲାପଦର ଠାରେ ରାସ୍ତା କାମରେ ନିୟୋଜିତ ଥିବା **(ପୃଷ୍ଠା-୭)**

ପାକ୍‌ର ସିଜ୍‌ଫାୟାର ଉଲ୍ଲଂଘନ

ମେଜରଙ୍କ ସମେତ ୩ ଯବାନ ସହିଦ

କଶ୍ମୀର, ୨୩।୧୨ : ଜମ୍ମୁକଶ୍ମୀରର ରାଜୌରୀ ଜିଲ୍ଲାରେ ଶନିବାର ପାକିସ୍ତାନୀ ସେନାର ଗୁଳିରେ ଭାରତୀୟ ସେନାର ୩ଜଣ ଯବାନ ସହିଦ ହୋଇଛନ୍ତି । ସହିଦଙ୍କ ମଧ୍ୟର ଜଣେ ଆର୍ମି ଅଧିକାରୀ ଥିବାବେଳେ ଅନ୍ୟ ୨ଜଣ ଯବାନ ଅଟନ୍ତି । ଜାତୀୟ ଗଣମାଧ୍ୟମ ରିପୋର୍ଟ ଅନୁସାରେ କେରି ଅଞ୍ଚଳରେ ଥିବା ନିୟନ୍ତ୍ରଣ ରେଖା ନିକଟରେ ଏହି ଘଟଣା ହୋଇଛି । ଏଥିସହ ପାକିସ୍ତାନୀ ଗୁଳିରେ ଜଣେ ଯବାନ ଗୁରୁତର ଆହତ ହୋଇଛନ୍ତିଛ ଭାରତୀୟ ସେନାର ଜଣେ ଅଧିକାରୀ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି, ରାଜୌରି ଅଞ୍ଚଳର କେରି ନିକଟରେ ଥିବା ନିୟନ୍ତ୍ରଣ ରେଖାରେ ପାକିସ୍ତାନୀ ସେନାର ଅସ୍ତ୍ରବିରତି ଉଲଂଘନ ଦେଖିବାକୁ ମିଳିଛି । ସେନା ଅଧିକାରୀ କହିଛନ୍ତି, ପାକିସ୍ତାନ ବିନା କୌଣସି କାରଣରେ ଗୁଳିଗୋଳା ବର୍ଷଣ କରିଛି । ଏଥିରେ ଭାରତୀୟ ସେନାର ଜଣେ ମେଜରଙ୍କ ସହିତ ୩ଜଣ ସୁରକ୍ଷା କର୍ମୀ ସହିଦ ହୋଇଛନ୍ତି । ସହିଦ ହୋଇଥିବା ସେନା କର୍ମୀ ୧୨୦ ଇନଫେଣ୍ଟ୍ରି ବ୍ରିଗେଡ ବାଟାଲିୟନରେ କାର୍ଯ୍ୟରତ ଥିଲେ । **(ପୃଷ୍ଠା-୭)**

ଯିଏ ମୋତେ ଭକ୍ତିରେ
ହାତ ଯୋଡିବ ମୁଁ ତା
ପାଖକୁ ପହଞ୍ଚିବି ସେ
ଯେଉଁଠି ଥାଉ ।

ହୁଣ୍ଡିର ଆୟ (୨୩.୧୨.୧୭)
୨,୧୬,୮୬୫

ଓଡ଼ିଶାକୁ ଚମ୍ପିଅନ୍ ରାଜ୍ୟ ଭାବେ ମାନ୍ୟତା

Sundargarh
Jharsuguda
Mayurbhanj
Keonjhar
Deogarh
Sambalpur
Balasore
Bargarh
Sonepur
Boudh
Angul
Dhenkanal
Jajpur
Bhadrak
Balangir
Kendrapara
Nuapada
Cuttack
Nayagarh
Kalahandi
Kandhamal
Puri
Nabarangpur
Rayagada
Koraput
Malkangiri

ଭୁବନେଶ୍ୱର, ୨୩।୧୨ (ସକାଳ ଖବର): ରପ୍ତାନୀ କ୍ଷେତ୍ରରେ ୨୦୧୬-୧୭ରେ ସର୍ବୋଚ୍ଚ ଅଭିବୃଦ୍ଧି ହାସଲ କରିଥିବାରୁ ଭାରତ ସରକାର ସମସ୍ତ ରାଜ୍ୟମଧ୍ୟରେ ଓଡ଼ିଶାକୁ ଚମ୍ପିଅନ୍ ରାଜ୍ୟ ଭାବେ ମାନ୍ୟତା ପ୍ରଦାନ କରିଛନ୍ତି । ଭାରତ ସରକାରଙ୍କ ବାଣିଜ୍ୟ ଓ ଉଦ୍ୟୋଗ ମନ୍ତ୍ରାଳୟର ରପ୍ତାନୀ ପ୍ରଦର୍ଶନ ଓ ରଣକୌଶଳ ପ୍ରଣୟନ ସଂପର୍କିତ ସମୀକ୍ଷା ବୈଠକରେ ଏହା ଘୋଷଣା କରାଯାଇଛି । ଏଥିରେ ଶ୍ରୀ ଲକ୍ଷ୍ମୀନାରାୟଣ ଗୁପ୍ତା, ଅତିରିକ୍ତ ମୁଖ୍ୟ ଶାସନ ସଚିବ, ଏମ୍ଏସ୍ଏମ୍ଇ ବିଭାଗ ଯୋଗଦାନ କରିଥିଲେ । ଏଠାରେ ଉଲ୍ଲେଖଯୋଗ୍ୟ ଯେ ପଣ୍ୟଦ୍ରବ୍ୟ ରପ୍ତାନୀ କ୍ଷେତ୍ରରେ ଓଡ଼ିଶା ୧୧୪ ପ୍ରତିଶତ ସର୍ବୋଚ୍ଚ ଅଭିବୃଦ୍ଧି ହାସଲ କରି ସମସ୍ତ ରାଜ୍ୟ ମଧ୍ୟରେ ସର୍ବାଗ୍ରେ ରହିଛି । ୨୦୧୫-୧୬ ଆର୍ଥିକ ବର୍ଷରେ ଓଡ଼ିଶାର ମୋଟ ରପ୍ତାନୀ ପରିମାଣ ୧୯ ହଜାର ୮୨ କୋଟି ଟଙ୍କା ଥିବାବେଳେ ୨୦୧୬-୧୭ ଆର୍ଥିକ ବର୍ଷରେ ଏହା ବୃଦ୍ଧି ପାଇ ୪୦ ହଜାର ୮୭୨ କୋଟି ଟଙ୍କାରେ ପହଂଚିଛି । ଓଡ଼ିଶାରୁ ରପ୍ତାନୀ ଅଭିବୃଦ୍ଧିର କାହାଣୀ ପ୍ରଭାବଶାଳୀ ରହିଛି । ୨୦୧୨-୧୩ରୁ ୨୦୧୬-୧୭ ମଧ୍ୟରେ ଆମେରିକୀୟ ଡଲାର ମୂଲ୍ୟରେ ଭାରତର ସାମଗ୍ରିକ ରପ୍ତାନୀ ପରିମାଣରେ ୨.୦୭ ପ୍ରତିଶତ ନକରାତ୍ମକ ବୃଦ୍ଧି ଘଟିଥିବାବେଳେ ଓଡ଼ିଶାର ରପ୍ତାନୀ ପରିମାଣରେ ୧୭.୬୦ ପ୍ରତିଶତ ସକରାତ୍ମକ ବୃଦ୍ଧି ଘଟିଛି । ସେହି ସମୟ ମଧ୍ୟରେ ଟଙ୍କା ମୂଲ୍ୟରେ ଭାରତର ରପ୍ତାନୀ **(ପୃଷ୍ଠା-୭)**

ରପ୍ତାନୀ କ୍ଷେତ୍ରରେ ୨୦୧୬-୧୭ରେ ସର୍ବୋଚ୍ଚ ଅଭିବୃଦ୍ଧି ହାସଲ

୩ ମାଓବାଦୀ ଗିରଫ

ମାଲକାନଗିରି, ୨୩।୧୨ (ସକାଳ ଖବର): ସୀମାନ୍ତ ଛତିଶଗଡ଼ ରାଜ୍ୟ ଦନ୍ତେଓ୍ୱାଡା ଜିଲ୍ଲା ପୋଲିସ ଓ ଏସଟିଏଫ ଯବାନମାନେ ଆଜି ଦୁଇଟି ସ୍ଥାନରେ ଚଢ଼ଉ କରି ୩ ଜଣ ମାଓବାଦୀଙ୍କୁ ଗିରଫ କରିବାରେ ସଫଳ ହୋଇଛନ୍ତି । ଆଜି କୁଆକୋଣ୍ଡା ଥାନା ପୋଲିସ ଓ ଏସଟିଏଫ ଯବାନ ମାନେ ସୂଚନା ପାଇ ଫୁଲପାଡ ଗ୍ରାମରେ ଚଢ଼ଉ କରି ଜନ ମିଲିସିଆ ସଦସ୍ୟ ନନ୍ଦା ସୋରି(୩୦) ଓ ରାଜୁ ମଡକାମ(୨୨)କୁ ଗିରଫ କରିଥିବା ବେଳେ ଅନ୍ୟ ଏକ ଘଟଣାରେ ବାରସୁର ଥାନା ଠାରେ ମୁତୟନ ଥିବା ୧୯୫ ବାଟାଲିଆନର ସିଆରପିଏଫ, ଡିଆରଜି ଏବଂ ଏସଟିଏଫ ଯବାନ ମାନେ ସର୍ଚ୍ଚ ଅପରେସନରେ ଯାଇଥିବା ସମୟରେ **(ପୃଷ୍ଠା-୭)**

[illegible]

[illegible]

[illegible]

[illegible]

[illegible]

[illegible]

[illegible]

[illegible]

[illegible]

1084-O

I&PR- 25080/11/0003/1718

Printed, Published & Owned by Amit Kumar Mallick Printed at Press Webline,D-2/19 Sector, Sector-A,Zone-D, Mancheswar Industrial Estate,BBSR-751010, City Office: A/69, Unit - 3, Industrial Area, Kharvel Nagar, Bhubaneswar - 1, Ph./Fax. : (0674) 2380706, (O), E-mail address : thesakala@hotmail.com, thesakal0@gmail.com

Editor - Amit Kumar Mallick

[illegible]